# ପଞ୍ଚାୟତ ସମିତି କାର୍ଯ୍ୟାଳୟ, କୋଇଡ଼ା

ସଂଖ୍ୟା ୬୧୮ / ତା. ୨୪.୩.୨୦୨୩

## ବିଜ୍ଞାପନ

ଏତଦ୍ଦ୍ୱାରା କୋଇଡ଼ା ପଞ୍ଚାୟତ ସମିତି ଅନ୍ତର୍ଗତ କାଶିରା ଏବଂ ଟେନସା ଗ୍ରାମ ପଞ୍ଚାୟତ ମାନଙ୍କରେ ସାଧାରଣ ବଣ୍ଟନ ବ୍ୟବସ୍ଥାର ସୁପରିଚାଳନା ପାଇଁ ଜଣେ ଲେଖାଏଁ "ଯୋଗାଣ ସହାୟକ" ନିଯୁକ୍ତ କରାଯିବ । ଏଣୁ କୋଇଡ଼ା ପଞ୍ଚାୟତ ସମିତି ଅନ୍ତର୍ଗତ କାଶିରା ଏବଂ ଟେନସା ଗ୍ରାମ ପଞ୍ଚାୟତରେ ଯୋଗାଣ ସହାୟକ ପଦବୀ ନିମନ୍ତେ ଇଚ୍ଛୁକ ଯୋଗ୍ୟ ପ୍ରାର୍ଥୀମାନଙ୍କ ଠାରୁ ନିମ୍ନପ୍ରଦତ୍ତ ଦରଖାସ୍ତ ଫର୍ମରେ ଆବେଦନ ପତ୍ର ଆହ୍ୱାନ କରାଯାଉଛି ।

**ଆବେଦନକାରୀଙ୍କ ଯୋଗ୍ୟତା:**

୧. ପ୍ରାର୍ଥୀ ସଂପୃକ୍ତ ଗ୍ରାମ ପଞ୍ଚାୟତ ଅଂଚଳର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ ।
୨. ପ୍ରାର୍ଥୀ ଅତି କମ୍ ରେ ଗ୍ରାଜୁଏଟ (+୩ ପାସ୍) ହୋଇଥିବା ଆବଶ୍ୟକ।
୩. ପ୍ରାର୍ଥୀଂଙ୍କର ବୟସ ତା ୦୧/୦୧/୨୦୨୩ ରିଖ ସୁଦ୍ଧା ୨୧ ବର୍ଷରୁ କମ୍ କିମ୍ବା ୩୫ବର୍ଷରୁ ଉର୍ଦ୍ଧ୍ୱ ହୋଇନଥିବା ଆବଶ୍ୟକ।

**ଚୟନ ପଦ୍ଧତି**

ଯୋଗାଣ ସହାୟକ ନିଯୁକ୍ତି ପାଇଁ ଆବେଦନକାରୀଙ୍କ ମାଟ୍ରିକ୍ୟୁଲେସନ, +୨, +୩ ପରୀକ୍ଷାରେ ଉପଲବ୍ଧ ପାଶ୍ ନମ୍ବରର ଶତକଡା ହାରକୁ ନେଇ ଅଗ୍ରାଧିକାର କ୍ରମତାଲିକା ତିଆରି କରାଯିବ ଏବଂ ତହିଁରୁ ପ୍ରଥମ ସ୍ଥାନରେ ଥିବା ଆବେଦନକାରୀଙ୍କନିଯୁକ୍ତି ଦିଆଯିବ ।

**ପାରିଶ୍ରମିକ**

ନିଯୁକ୍ତ ପ୍ରାର୍ଥୀ (ଯୋଗାଣ ସହାୟକ) ମାସିକ ଟ. ୬,୦୦୦/- ମାସିକ ପାରିଶ୍ରମିକ ପାଇବେ ।

**ଆବେଦନ ପତ୍ର ଗ୍ରହଣର ଶେଷ ତାରିଖ**

ନିମ୍ନଲିଖିତ ଆବଶ୍ୟକୀୟ ପ୍ରମାଣପତ୍ର ସହିତଆବେଦନ ପତ୍ର ତା ୧୮/୦୪/୨୦୨୩ ରିଖ ସୁଦ୍ଧା ଗୋଷ୍ଠୀ ଉନ୍ନୟନ ଅଧିକାରୀ, କୋଇଡ଼ାଙ୍କ କାର୍ଯ୍ୟାଳୟରେ ରେଜିଷ୍ଟ୍ରି/ ଶୀଘ୍ରଡାକ (Registered/Speed Post) ଯୋଗେପହଂଚିବା ଆବଶ୍ୟକ ।ଉକ୍ତ ତାରିଖ ପରେପ୍ରାପ୍ତ ହୋଇଥଇବା ଆବେଦନ ପତ୍ର ଗୁଡିକୁ ବିଚାରକୁ ନିଆଯିବ ନାହିଁ ।

**ଆବେଦନ ସହ ଆବଶ୍ୟକୀୟ ପ୍ରମାଣପତ୍ର:**

ଆବେଦନକାରୀମାନେ ଆବେଦନ ପତ୍ର ସହିତ ନିମ୍ନଲିଖିତ ଆବଶ୍ୟକୀୟ ପ୍ରମାଣପତ୍ରର ଅବିକଳ ନକଲ ଗେଜେଟେଡ୍ ଅଧିକାରୀଙ୍କଠାରୁ ଅନୁପ୍ରମାଣିତ (ଆଟେଷ୍ଟେଡ୍) କରି ନିଜର ଦସ୍ତଖତ ସହ ଦାଖଲ କରିବେ ।

1) ମାଟ୍ରିକ୍ୟୁଲେସନ, +୨ ଓ +୩ ପରୀକ୍ଷାର ଉତ୍ତୀର୍ଣ୍ଣ ସାର୍ଟିଫିକେଟ୍ ଓ ମାର୍କସିଟ୍ ।
2) ତହସିଲଦାରଙ୍କ ଠାରୁ ପ୍ରାପ୍ତ ସଦ୍ୟ ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ।
3) ଦୁଇଗୋଟି(୨) ପାସପୋର୍ଟ୍ ସାଇଜ୍ ଫଟୋଗ୍ରାଫ୍ ।
4) ନିଜ ଠିକଣା ଉଲ୍ଲେଖଥିବା ଓ ପ୍ରତ୍ୟେକରେ ୩୦ ଟଙ୍କାଲେଖାଏଁ ଡାକଟିକେଟ ଲାଗିଥିବା ଦୁଇଗୋଟି (୨) ୨୫ ସେ.ମି. X ୧୨ ସେ.ମି. ସାଇଜର ଲଫାପା ।

ଦରଖାସ୍ତ ଫର୍ମ ଓ ତତ୍ ସଂଲଗ୍ନ ପ୍ରମାଣପତ୍ର ଥିବା ଲଫାପା ଉପରେ "……………………ଗ୍ରାମ ପଞ୍ଚାୟତରେ ଯୋଗାଣ ସହାୟକ ପାଇଁ ଆବେଦନ ପତ୍ର" ତାହା ଉଲ୍ଲେଖଥିବା ଆବଶ୍ୟକ ।

**ସର୍ତ୍ତାବଳୀ:**

1) ଯୋଗାଣସହାୟକ ନିଯୁକ୍ତି ସମ୍ପୂର୍ଣ୍ଣ ଅସ୍ଥାୟୀ । ନିଯୁକ୍ତି ପାଇଥିବା ବ୍ୟକ୍ତିଙ୍କ ପାଇଁ ଆଇନଗତ କିମ୍ବା ଅଦାଲତର ବ୍ୟବସ୍ଥାକୁ ବର୍ତ୍ତମାନ କିମ୍ବା ଭବିଷ୍ୟତରେ ବିଚାରକୁ ନିଆଯିବ ନାହିଁ ।
2) ନିମ୍ନସ୍ୱାକ୍ଷରକାରୀଙ୍କ ଠାରେ ଆବେଦନକାରୀଙ୍କ ଆବେଦନ ପତ୍ର କିମ୍ବା ତାଙ୍କର ଚୟନ ପ୍ରକ୍ରିୟା ଓ ନିଯୁକ୍ତି କୁ ବିନା ସର୍ତ୍ତରେ କୌଣସି କାରଣ ନ ଦର୍ଶାଇ ଖାରଜ କିମ୍ବା ରଦ୍ଦ କରିବା କ୍ଷମତା ନ୍ୟସ୍ତ ରହିଛି ।

ବି.ଦ୍ର.: ଏହି ବିଜ୍ଞାପନତଥା ଆବେଦନ ପତ୍ର ସୁନ୍ଦରଗଡ଼ ଜିଲ୍ଲା ୱେବସାଇଟ୍ www.sundargarh.nic.in ରେ ମଧ୍ୟ ଉପଲବ୍ଧ ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ
କୋଇଡ଼ା

ପରିପତ୍ରସଂଖ୍ୟା ୧୯୯ / ତା. ୨୪.୩.୨୦୨୩

ଏହାର ଏକକିତା ନକଲ ପଞ୍ଚାୟତ ସମିତି ନୋଟିସ୍ ବୋର୍ଡ୍ ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ
କୋଇଡ଼ା

ପରିପତ୍ରସଂଖ୍ୟା ୨୦୦ / ତା. ୨୪.୩.୨୦୨୩

ଏହାର ଏକକିତା ନକଲ କୋଇଡ଼ାପଞ୍ଚାୟତ ସମିତି ଅନ୍ତର୍ଗତ କାଶିରା ଏବଂ ଟେନସା ଗ୍ରାମ ପଞ୍ଚାୟତର ସରପଞ୍ଚ ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ଗ୍ରାମ ପଞ୍ଚାୟତ ର ନୋଟିସ୍ ବୋର୍ଡ୍ ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରିବା ନିମନ୍ତେ ଅନୁରୋଧ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ
କୋଇଡ଼ା

ପରିପତ୍ରସଂଖ୍ୟା ୨୦୧ / ତା. ୨୪.୩.୨୦୨୩

ଏହାର ଏକକିତା ନକଲ ସୁନ୍ଦରଗଡ଼ ଜିଲ୍ଲାର ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ତାଙ୍କ କର୍ଯ୍ୟାଳୟର ନୋଟିସ୍ ବୋର୍ଡ୍ ରେ ସର୍ବସାଧାରଣଙ୍କଅବଗତି ନିମନ୍ତେ ପ୍ରକାଶନ କରିବା ନିମନ୍ତେ ଅନୁରୋଧ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ
କୋଇଡ଼ା

ପରିପତ୍ରସଂଖ୍ୟା ୨୦୨ / ତା. ୨୪.୩.୨୦୨୩

ଏହାର ଏକକିତା ନକଲ ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୁନ୍ଦରଗଡ଼ଙ୍କ ନିକଟକୁ ଦୁଇଟି ଓଡିଆ ଦୈନିକରେ ତା ୨୭/୦୩/୨୦୨୩ ରିଖ ଦିନ ପ୍ରକାଶନ ନିମନ୍ତେ ଅନୁରୋଧ ସହ ପ୍ରେରଣ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ
କୋଇଡ଼ା

ପରିପତ୍ରସଂଖ୍ୟା ୨୦୩ / ତା. ୨୪.୩.୨୦୨୩

ଏହାର ଏକକିତା ନକଲ ଜିଲ୍ଲା ସୁଚନା ଅଧିକାରୀ, ସୁନ୍ଦରଗଡ଼ଙ୍କ ନିକଟକୁ ସୁନ୍ଦରଗଡ଼ ଜିଲ୍ଲା ୱେବସାଇଟ୍ ରେ ତା ୨୭/୦୩/୨୦୨୩ ରିଖ ରୁ ପ୍ରକାଶନ ନିମନ୍ତେ ଅନୁରୋଧ ସହ ପ୍ରେରଣ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ
କୋଇଡ଼ା

ପରିପତ୍ରସଂଖ୍ୟା ୨୦୪ / ତା. ୨୪.୩.୨୦୨୩

ଏହାର ଏକକିତା ନକଲ ଜିଲ୍ଲାପାଳ, ସୁନ୍ଦରଗଡ଼ / ଉପ-ଜିଲ୍ଲାପାଳ, ବଣାଇ/ ଅତିରିକ୍ତ ଜିଲ୍ଲାପାଳ, ସୁନ୍ଦରଗଡ଼ ଙ୍କସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ
କୋଇଡ଼ା

## ଯୋଗାଣ ସହାୟକ ନିମନ୍ତେ ଅବେଦନ ପତ୍ର

1) ଆବେଦନ କରୁଥିବା ଗ୍ରାମ ପଞ୍ଚାୟତ ର ନାମ :

2) ଆବେଦନକାରୀଙ୍କ ନାମ :

3) ପିତାଙ୍କ ନାମ :

4) ସ୍ଥାୟୀ ଠିକଣା :

5) ଯୋଗାଯୋଗ ଠିକଣା :

6) ଜାତୀୟତା :

7) ଧର୍ମ :

8) ଲିଂଗ :

9) ଜନ୍ମ ତାରିଖ :

10) ଶିକ୍ଷାଗତ ଯୋଗ୍ୟତା :

| ଉତୀର୍ଣ୍ଣ ହୋଇଥିବା ପରିକ୍ଷା | ବୋର୍ଡ୍/ ବିଶ୍ୱବିଦ୍ୟାଳୟ | ଉତୀର୍ଣ୍ଣ ହୋଇଥିବା ବର୍ଷ | ଉତୀର୍ଣ୍ଣ ଶ୍ରେଣୀ | ପୂର୍ଣ୍ଣ ନମ୍ବର | ରଖିଥିବାନମ୍ବର | ଶତକଡା |
|---|---|---|---|---|---|---|
| ମାଟ୍ରିକ୍ୟୁଲେସନ୍ | | | | | | |
| +2 | | | | | | |
| +3 | | | | | | |

11) ମୋବାଇଲ୍ ନମ୍ବର୍ :

12) ଇ-ମେଲ୍ ଠିକଣା :

### ଘୋଷଣା

ମୁଁଏତଦ୍ୱାରାଘୋଷଣା କରୁଅଛି କି , ମୋ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ତଥ୍ୟାବଳୀ ମୋ ଜ୍ଞାତସାରରେ ସଠିକ୍ ଅଟେ । ଯଦି ଭବିଷ୍ୟତ ରେ ଏହା ଭୁଲ୍ ପ୍ରମାଣିତ ହୁଏ, ସେଥିପାଇଁ ମୁଁ ଆଇନତଃ ଦାୟୀ ରହିବି ।

ସ୍ଥାନ:
ତାରିଖ:

ଆବେଦନକାରୀଙ୍କ ସ୍ୱାକ୍ଷର